ଧରିତ୍ରୀ
DHARITRI
August 23-29, 2020 ₹ 2/-

# ଛୁଟିଦିନ



# ମାମୁଘର କେତେ ଦୂର

୩

**ପ୍ରଚ୍ଛଦ ପ୍ରସଙ୍ଗ**

ନିଜ ଘର ପରେ ଆଉ ଯେଉଁ ଘରଟି ସବୁଠୁ ପ୍ରିୟ ତା' କେବଳ ମାମୁଘର। ପିଲାଙ୍କ ପାଇଁ ଗୋଟେ ଅପେକ୍ଷାର ଘର, ଗୋଟେ ବିଳାସର ନାଁ, ସେଇଠି ଅଛି ଅସରନ୍ତି ଆଈମା' କାହାଣୀର ପେଡ଼ି, ଚକାଚକା ଭଉଁରି, ମାଈଁଙ୍କ ଦୁଧ ଭାତ ସହ ସବୁ ଦୁଷ୍ଟାମି ମାଫ୍‌ ହୋଇଯିବାର ଅଲିଖିତ ପ୍ରତିଶ୍ରୁତି। ମାମୁଘରକୁ ଯିବାର ଅପେକ୍ଷା ଯେମିତି ପହଞ୍ଚି ଗଲେ ଗଡ଼ ଜୟ କରିବାର ଗୋଟେ ଆନନ୍ଦ କାହା ମନକୁ ବା ଆବୋରି ନ ବସେ। ସତରେ ହୃଦୟର କେଉଁ କୋଣରେ ସାଇତା ହୋଇ ରହିଥିବାର ମାମୁଘରର ସ୍ମୃତି କେବଳ ମିଠା ଅନୁଭବ ହିଁ ଦେଇ ଚାଲିଥାଏ ଜୀବନସାରା..

୪

**ସିନେମା**



# ଦିଗ ଅନୁସାରେ ଜଳାନ୍ତୁ ରଙ୍ଗିନ କ୍ୟାଣ୍ଡେଲ



ଆଜିକାଲି ବଜାରରେ ଅନେକ ସୁନ୍ଦର ସୁନ୍ଦର ଡିଜାଇନ୍ ଓ ରଙ୍ଗର କ୍ୟାଣ୍ଡେଲ ମିଳୁଛି। ଅନେକଙ୍କର ସଉକ ଥାଏ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହି କ୍ୟାଣ୍ଡେଲ କିଣିବା। ଆଉ ଘର ସଜାଇବା। ତେବେ ଦିଗ ଅନୁସାରେ କ୍ୟାଣ୍ଡେଲର ରଙ୍ଗ ଚୟନ କରି ଜଳାଇଲେ କେବଳ ଘରର ସୌନ୍ଦର୍ଯ୍ୟ ବଢ଼ି ନ ଥାଏ ବରଂ ସେହି ଦିଗର ଶୁଭ ଫଳ ବି ପ୍ରାପ୍ତ ହୋଇଥାଏ। ସେଥିପାଇଁ ଜାଣି ରଖନ୍ତୁ କେଉଁ ଦିଗରେ କେଉଁ ରଙ୍ଗର କ୍ୟାଣ୍ଡେଲ ରଖି ଜଳାଇବେ...

ପୂର୍ବ ଦିଗରେ ସବୁଜ ରଙ୍ଗର କ୍ୟାଣ୍ଡେଲ ରଖି ଜଳାଇବା ଭଲ। ଏହାଦ୍ୱାରା ଜୀବନ ସୁରୁଖୁରୁରେ ଚାଲେ ଏବଂ ଉନ୍ନତି ହୁଏ। ଧଳାରଙ୍ଗର କ୍ୟାଣ୍ଡେଲ ପଶ୍ଚିମ ଦିଗରେ ରଖି ଜଳାଇବା ଭଲ। ଉତ୍ତର ଦିଗରେ କଳା ରଙ୍ଗର କ୍ୟାଣ୍ଡେଲ ରଖି ଜାଳିବା ଶୁଭ ବୋଲି ଧରାଯାଏ। ବାୟବୀ କୋଣ ତଥା ଉତ୍ତର-ପଶ୍ଚିମ ଦିଗ ପାଇଁ ମଧ୍ୟ ଧଳା ରଙ୍ଗର କ୍ୟାଣ୍ଡେଲ ଶୁଭ। ନୈର୍ଋତ କୋଣ ତଥା ଦକ୍ଷିଣ-ପଶ୍ଚିମ ଦିଗ ପାଇଁ ହଳଦିଆ ରଙ୍ଗର କ୍ୟାଣ୍ଡେଲ ଭଲ। ଉତ୍ତର-ପୂର୍ବ ଦିଗରେ ଧଳା ରଙ୍ଗର କ୍ୟାଣ୍ଡେଲ ରଖିପାରିବେ। ତେବେ ଦକ୍ଷିଣ-ପୂର୍ବ ଦିଗରେ ସବୁଜ ରଙ୍ଗର କ୍ୟାଣ୍ଡେଲ ଜଳାଇବା ଶୁଭଙ୍କର।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୩-୨୯

### ମେଷ
ସ୍ୱାସ୍ଥ୍ୟରେ ଉନ୍ନତି, ନିଯୁକ୍ତି ସୁଯୋଗ, ଆର୍ଥିକ ପ୍ରଗତି, ସମ୍ପର୍କୀୟଙ୍କ ସହ ମନୋମାଳିନ୍ୟ, ଖର୍ଚ୍ଚଭାର ବୃଦ୍ଧି, ନୂତନ ବ୍ୟବସାୟାରମ୍ଭ, ଦାୟିତ୍ୱ ବଢ଼ିଯିବ। ପରିବାରରେ ଶାନ୍ତି, ଧର୍ମକାର୍ଯ୍ୟରେ ମନ, ଅଭିଳାଷ ପୂରଣ।

### ବୃଷ
ନୂତନ କର୍ମାରମ୍ଭ, ସହଯୋଗ ମିଳିବ, ଅର୍ଥସଂକଟ ଟଳିବ, ବନ୍ଧୁ ପାଖେଇ ଆସିବେ, ବିବାଦରେ ପଶନ୍ତୁନି, ଯାନ୍ତ୍ରିକ ତ୍ରୁଟି ସଜାଡନ୍ତୁ, ପରିବହନରେ ଝଗଡା, ପାରିବାରିକ ମତାନ୍ତର।

### ମିଥୁନ
କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଚାପ, ପ୍ରତିକୂଳ ପରିସ୍ଥିତି, ପ୍ରତିବେଶୀଙ୍କ କଳହ, ବିଦେଶଯାତ୍ରାର ସୁଯୋଗ, ସନ୍ତାନଙ୍କ ଶିକ୍ଷା ସମସ୍ୟା, କଚେରି ମାମଲା, ପ୍ରକାଶନରେ ତ୍ରୁଟି, ପାରିବାରିକ ଦ୍ୱନ୍ଦ୍ୱ, ଅର୍ଥାଭାବର ଅନୁଭବ।

### କର୍କଟ
ଶାରୀରିକ ଅସୁସ୍ଥତା, ପଡୋଶୀଙ୍କ ସୌହାର୍ଦ୍ଦ୍ୟ, ମିତ୍ରଙ୍କ ପ୍ରତାରଣା, ଭାବ ପ୍ରବଣତାରୁ ଅସ୍ଥିରତା, ସାମାଜିକ ଅପବାଦ, ଗବେଷଣାରେ ସଫଳତା, ବ୍ୟବସାୟିକ ଉନ୍ନତି, ମାଲି ମକଦ୍ଦମାରେ ବିଜୟ।

### ସିଂହ
ଶୁଭ ଖବର ପ୍ରାପ୍ତି, ବିବାଦର ସମାଧାନ, ଦୁଃସାହସିକ କର୍ମ, ପାରିବାରିକ ବ୍ୟତିକ୍ରମ, ନିର୍ଣ୍ଣାୟକ ଭୂମିକା ନେବେ, ସ୍ୱାସ୍ଥ୍ୟ ସମସ୍ୟା କମିବ, ଭୁଲ୍ ବୁଝାମଣାରୁ କଳହ, ନୂତନ ଯୋଜନାରମ୍ଭ, ଅଭିଳାଷ ପୂରଣ।

### କନ୍ୟା
ପଦୋନ୍ନତିର ସୂଚନା, ଋଣପରିଶୋଧର ଚିନ୍ତା, ଗୃହୋପଯୋଗୀ ଜମି କ୍ରୟ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସତ୍‌ସଙ୍ଗର ସୁଯୋଗ, ନୂତନ ସମ୍ପର୍କ ସୃଷ୍ଟି, ଆଇନ ସହାୟତା ପ୍ରାପ୍ତି।

### ତୁଳା
ସୁସ୍ଥ ମାନସିକତା, କର୍ମଦକ୍ଷତାରୁ ପ୍ରଶଂସା, ପୁଞ୍ଜି ନିବେଶରେ କ୍ଷତି, ଶତ୍ରୁକୃତ ସମସ୍ୟାରୁ ଦୁଶ୍ଚିନ୍ତା, ଜମିଜମା ରେଜିଷ୍ଟ୍ରେସନ୍, ଅପ୍ରିୟ ସତ୍ୟଭାଷଣରୁ କଳହ, ଆତ୍ମୀୟଙ୍କ ଅସହଯୋଗ।

### ବିଛା
ପାରିବାରିକ ସୁଖ, ଗୁରୁଜନଙ୍କ ପ୍ରେରଣା, ଅସମର୍ଥିତ ଅଭିଯୋଗ, ଶେୟାର ବଜାରରେ ନିମ୍ନାଙ୍କ, ବୈବାହିକ ସମସ୍ୟା। ନିର୍ମାଣରେ ଅଗ୍ରଗତି, ମହାଜନୀ ଚାପବୃଦ୍ଧି, ଗସ୍ତ କାର୍ଯ୍ୟକ୍ରମ ବଦଳିବ।

### ଧନୁ
ସୁଖପ୍ରଦ ଜୀବନଚର୍ଯ୍ୟା, ସୁସ୍ଥ ବାତାବରଣ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ବାକ୍ ଅସଂଯମତାରୁ କଳହ, ସଭାସମିତିକୁ ଆମନ୍ତ୍ରଣ, ବ୍ୟାହତ ବନ୍ଧୁ ସମ୍ପର୍କ, ବାଣିଜ୍ୟରେ ପ୍ରତିବନ୍ଧକ, ଯାନ୍ତ୍ରିକ ଜିନିଷକ୍ରୟ, ଦୂରଯାତ୍ରାରେ ରୋକ୍ ।

### ମକର
ଆର୍ଥିକ ଦୁରବସ୍ଥା, ପ୍ରକଳ୍ପାରମ୍ଭରେ ବିଳମ୍ବ, ଅସହଯୋଗର ସୂଚନା, ପରିବାରରେ ଯୁକ୍ତିତର୍କ, କ୍ରନିକ୍ ରୋଗର ପ୍ରାଦୁର୍ଭାବ, ଆତ୍ମୀୟ ସ୍ୱଜନଙ୍କ ଅଣଦେଖା, ସ୍ଥାନାନ୍ତରର ସୂଚନା, ସରକାରୀ ସାହାଯ୍ୟ, ଯଶଖ୍ୟାତି ବଢ଼ିବ।

### କୁମ୍ଭ
ପ୍ରତିରୋଧ ହଟିବ, ପ୍ରତିଯୋଗିତାରେ ବିଜୟ, ପ୍ଲଟିଙ୍ଗ୍ କାରବାରର ଅଭିବୃଦ୍ଧି, ଅଂଶୀଦାର ବ୍ୟବସାୟରେ କଳହ, ନିର୍ମାଣରେ ସୀମାବିବାଦ, ସାଂଗଠନିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ।

### ମୀନ
ଉଚ୍ଚ ପ୍ରଶଂସା, ଆନୁଷ୍ଠାନିକ ସମ୍ମାନ, ଆର୍ଥିକ ଉନ୍ନତି, ଭୁଲ୍ ବୁଝାମଣା ଦୂରେଇବ, ସହକର୍ମୀଙ୍କ ଉଦାରତା, ପଦାଧିକାରୀଙ୍କ ଅନୁକମ୍ପା, ପାରିବାରିକ ମତଭେଦ, କୃତୀ କୃତିତ୍ୱରୁ ସମ୍ବର୍ଦ୍ଧନା, ସ୍ନାୟବିକ ଦୁର୍ବଳତା, ସହାନୁଭୂତିରୁ ଆଶ୍ୱସ୍ତି ।

# ସୁନା କଇଁଚିରେ କେଶ କଟା



ଅନେକ ଦିନର ବ୍ୟବଧାନ ପରେ ଲକ୍‌ଡାଉନ୍ କୋହଳ ହୋଇଛି। ଖୋଲିଛି ସେଲୁନ୍ ଓ ବିଉଟି ପାର୍ଲର। ତେଣୁ ଖୁସି ଅଛନ୍ତି ବ୍ୟବସାୟୀ। ତେବେ ଏଥିରେ ବେଶି ଖୁସି ହୋଇଛନ୍ତି କୋହ୍ଲାପୁରର ଜଣେ ସେଲୁନ୍ ମାଲିକ। ଆଉ ସେ ନିଜ ଖୁସିକୁ ଜାହିର କରିବା ପାଇଁ ଆପଣେଇଛନ୍ତି ଏକ ଅଭିନବ ଉପାୟ। ସେ ନିଜ ସଞ୍ଚିତ ଅର୍ଥରୁ ଖର୍ଚ୍ଚ କରି ଏକ ସୁନାର କଇଁଚି କିଣିଲେ, ଯାହାର ଓଜନ ୧୦ ଭରି ଥିଲା। ଆଉ ସେଇଥିରେ ସେ ପ୍ରଥମ ଗ୍ରାହକଙ୍କ କେଶ କାଟିଲେ। ଏହି ସେଲୁନ୍ ମାଲିକ ଜଣକ ହେଉଛନ୍ତି ରାମଭାଉ ଶଙ୍କପାଲ୍। ରାମଭାଉଙ୍କ କହିବାନୁସାରେ, 'ଏହି ଲକ୍‌ଡାଉନ୍ ସମୟରେ ରୋଜଗାର ହରାଇ ଅନେକେ ଜୀବନ ହାରିଥିବାବେଳେ ଅନେକେ ହତାଶ ହୋଇପଡିଥିଲେ। ଏହି ବିଷମ ପରିସ୍ଥିତିରୁ ବାହାରି ପାରିଥିବାରୁ ମୁଁ ବହୁତ ଖୁସି। ସେଥିପାଇଁ ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ଏହି ପନ୍ଥା ଆପଣେଇଲି।'



# ପାଠକୀୟ

ଛୁଟିଦିନ ଅଗଷ୍ଟ ୯-୧୫ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱାଧୀନତାର ସଙ୍ଗୀତ' ଖୁବ୍ ଉଚ୍ଚକୋଟୀର ହୋଇଛି। ବନ୍ଦେ ମାତରମ୍, ଜନ ଗଣ ମନ, ସାରେ ଜହାଁସେ ଆଚ୍ଛା ଗୀତଗୁଡିକ ଭାରତୀୟ ଜାତୀୟ ଜୀବନରେ ସବୁବେଳେ କୀର୍ତ୍ତିସ୍ତମ୍ଭ ହୋଇ ରହିବ। ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢ଼ି ଖୁସି ହେଲି।

*– ନିରଞ୍ଜନ ସାହୁ, କେ-୭-୬୪୧, କଳିଙ୍ଗନଗର , ପୋ.ଅ. ଘାଟିକିଆ, ଭୁବନେଶ୍ୱର-୨୯*

ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱାଧୀନତାର ସଙ୍ଗୀତ' ବହୁତ ଭଲ ଲାଗିଲା। ନେକ୍‌ଲେସ୍ ମାସ୍କ ସତରେ ବେଶ୍ ସୁନ୍ଦର ହୋଇଛି। ତା'ସହ ପ୍ରିୟ କୁକୁରର ବାହାଘରେ ରାଜା କୋଟି କୋଟି ଟଙ୍କା ଖର୍ଚ୍ଚ କରିଦେଇଥିବା ପାଠଟି ବହୁତ ମଜାଦାର ଥିଲା।

*– ମନୋରମା ପଟ୍ଟନାୟକ, ରମ୍ଭା, ଗଞ୍ଜାମ*

ଏଥରର ସ୍ୱାଧୀନତା ଦିବସ ସ୍ୱତନ୍ତ୍ର ଛୁଟିଦିନ ବେଶ୍ ଆକର୍ଷକ ଥିଲା। ମଡେଲ ମିରର୍‌ରେ ଦୁଇ ମଡେଲ ବହୁତ ଭଲ ଲାଗିଲେ। ସୃଜନ ପୃଷ୍ଠାର ଗପ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଥିଲା।

*–ସୁଜିତ ଗୋଚ୍ଛାୟତ, ଜଗତ୍‌ସିଂହପୁର*

ବଡ଼ ତ୍ରିରଙ୍ଗାକୁ ନେଇ ଉପସ୍ଥାପନ କରାଯାଇଥିବା ପୃଷ୍ଠାଟି ମତେ ବହୁତ ଭଲ ଲାଗିଲା। ଏହା ବେଶ୍ ତଥ୍ୟଭିତ୍ତିକ ଥିଲା। ଏଥିରୁ ଅନେକ କିଛି ଜାଣିହେଲା। କ୍ୟାମେରା ପରି ଘର ପାଠଟି ବେଶ୍ ରୋଚକ ଥିଲା।

*– ମଣ୍ଟୁ ପାଢ଼ୀ, ଥେରୁବାଲି, ରାୟଗଡ଼ା*

ସିନେମା ପୃଷ୍ଠାର 'ଜନ୍‌ଙ୍କ ତରଭୁଜ ଉପାଖ୍ୟାନ' ପାଠଟି ପଢ଼ି ମଜା ଲାଗିଲା। ବଡ଼ ତ୍ରିରଙ୍ଗା ପାଠଟି ଉଚ୍ଚକୋଟୀର ଥିଲା। ହାଃ ହାଃ ପଢ଼ି ହସି ହସି ଗଡ଼ିଗଲି।

*–ଚୁନ୍‌ମୁନ୍ ସାହୁ, କୋଟଗଡ଼, କନ୍ଧମାଳ*

ପ୍ରଚ୍ଛଦ ପ୍ରସଙ୍ଗ, ସିନେମା ଓ ବଡ଼ ତ୍ରିରଙ୍ଗା ପୃଷ୍ଠାର ବିଷୟଗୁଡ଼ିକ ବହୁତ ଭଲ ଲାଗିଲା। କାର୍ଟୁନ କର୍ନର ମଜାଦାର ଥିଲା। କ୍ୟାମେରା ପରି ଘରଟି ଦେଖିବାକୁ ବହୁତ ଆକର୍ଷକ ଥିଲା।

*– ଶିବାଶିଷ ପଣ୍ଡା, ସମ୍ବଲପୁର*

ଛୁଟିଦିନର ସ୍ୱତନ୍ତ୍ର ଦିନ ପାଇଁ ସ୍ୱତନ୍ତ୍ର ଉପସ୍ଥାପନା ମତେ ବହୁତ ଭଲ ଲାଗେ। ଏଥରର ସ୍ୱାଧୀନତା ଦିବସର ସ୍ୱତନ୍ତ୍ର ବିଷୟଗୁଡ଼ିକ ବେଶ୍ ଉଚ୍ଚକୋଟୀର ଥିଲା।

*–ଗେହ୍ଲୀ ନାୟକ, ପଟ୍ଟାମୁଣ୍ଡାଇ*

ରାଜାଙ୍କ କୁକୁର ଦାମୀ ବାହାଘର ପାଠଟି ମଜାଦାର ଥିଲା। ସେହିଭଳି କ୍ୟାମେରା ପରି ଘର ପାଠଟି ବି ଭଲ ଲାଗିଲା। ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ନିଆରା ଲାଗିଲା।

*– ତପନ କୁମାର ବେହେରା, ଭଦ୍ରକ*

## ବିଶେଷ ଚିଠି



ରବିବାର ମୋର ସୁନ୍ଦର କରୁଛ
ହେ ଧରିତ୍ରୀ ଛୁଟିଦିନ,
କେତେ ନୂଆ ନୂଆ କଥା ସାଥେ ଆଣ
କିଣି ନିଅ ମୋର ମନ।
ସିନେମା ହେଉ ସେ ହେଉ କି ସାହିତ୍ୟ
ଅବା ହେଉ ସିଏ ପ୍ରଚ୍ଛଦ ପ୍ରସଙ୍ଗ
ପ୍ରତି ପୃଷ୍ଠାରେ ସୁନ୍ଦର ବର୍ଣ୍ଣନ
ସବୁ ଓଡ଼ିଆଙ୍କ ମନେ ତୁମ ଘର।
ଏତିକି ପ୍ରାର୍ଥନା ପ୍ରଭୁଙ୍କୁ ମୋହର
ଏଇମିତି ଆସୁଥାଅ ସବୁଦିନ।।

*–ରାକେଶ କୁମାର ସାହୁ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମାମୁଘର କେତେ ଦୂର

ନିଜ ଘର ପରେ ଆଉ ଯେଉଁ ଘରଟି ସବୁଠୁ ପ୍ରିୟ ତା' କେବଳ ମାମୁଘର। ପିଲାଙ୍କ ପାଇଁ ଗୋଟେ ଅପେକ୍ଷାର ଘର, ଗୋଟେ ବିଳାସର ନାଁ, ସେଇଠି ଅଛି ଅସରନ୍ତି ଆଈମା' କାହାଣୀର ପେଡ଼ି, ଚକାଚକା ଭଉଁରି, ମାଈଁଙ୍କ ଦୁଧ ଭାତ ସହ ସବୁ ଦୁଷ୍ଟାମି ମାଫ୍ ହୋଇଯିବାର ଅଲିଖିତ ପ୍ରତିଶ୍ରୁତି। ମାମୁଘରକୁ ଯିବାର ଅପେକ୍ଷା ଯେମିତି ପହଞ୍ଚି ଗଲେ ଗଡ଼ ଜୟ କରିବାର ଗୋଟେ ଆନନ୍ଦ କାହା ମନକୁ ବା ଆବୋରି ନ ବସେ। ଆଉ ମାମୁଘରର ବାଟ କେବେ କ'ଣ ବହୁତ ଦୂର ଥାଏ ! ଯେତେ ଦୂର ହେଉ ମାମୁଘର, ଯେତେ ଖରାପ ହେଉ ସେ ରାସ୍ତା, ଚାଲି ଚାଲି ଯିବାକୁ ପଡୁ ପଛେ, କିନ୍ତୁ ସେ ରାସ୍ତା ସବୁବେଳେ ସୁନ୍ଦର, ଆକର୍ଷଣୀୟ। ସତରେ ହୃଦୟର କେଉଁ କୋଣରେ ସାଇତା ହୋଇ ରହିଥିବାର ମାମୁଘରର ସ୍ମୃତି କେବଳ ମିଠା ଅନୁଭବ ଦେଇ ଚାଲିଥାଏ ଜୀବନସାରା।

**ମାମୁଘର ଦୂର ନୁହେଁ ଅନ୍ତରତର–*ପବିତ୍ର ମୋହନ ଦାଶ, ସାହିତ୍ୟିକ***

ମୋର ମାମୁଘର ଗାଁ ହରିପୁର। ସତ୍ୟବାଦୀ ବ୍ଲକର ୨୫–୩୦ ଘର ସମ୍ବଳିତ ଏକ ଛୋଟ ଗାଁ। ଆମ ଗାଁ ଜମାରସୁଆଁରୁ ୩ କିଲୋମିଟର ଦୂର, ଯାହାକୁ କହନ୍ତି ଡାକେ ବାଟ। ଗାଁର ଚାରିପାଖ ଦହଡ଼ସର। ବର୍ଷକୁ ୮ ମାସ ସର ଓ ସଫେଇରେ ଭରି ରହେ ପାଣି। ଲାଗେ ଯେମିତି ଗାଁଟି ସନ୍ତସନ୍ତିଆ ଯୋର ପାଣି ଉପରେ ଲେଖା ଧାଡ଼ିଏ କବିତା। ଗାଁର ଅଧିଷ୍ଠାତ୍ରୀ ଦେବୀ ପାଳପୋଛି। ବିଷହରଣକାରୀ ହିସାବରେ ପ୍ରସିଦ୍ଧ। ତାଙ୍କୁ ନେଇ ଅଛି ଏକ ରୋଚକ କିମ୍ବଦନ୍ତୀ। ସେ କାଳେ ଆଉ ଏକ ଗାଁର ଶିବଙ୍କର ପାର୍ବତୀ। ଦହଡ଼ସରର ମାଛ ପ୍ରତି ତାଙ୍କର ଆସକ୍ତି ଆସିଲା। ମହାଦେବ ଏ କଥା ଜାଣି ତାଙ୍କୁ କ୍ରୋଧରେ ଦେଲେ ଧକାଏ। ଆଉ ସେ ପଡ଼ିଲେ ଏଠି। ସେବେଠୁ ସେ ଏଠି ମାଛ ବେସର ଖାଉଛନ୍ତି ଓ ଲୋକଙ୍କୁ ଖୁଆଉଛନ୍ତି। ମାମୁଘର ଯିବା ବାଟରେ ପଡ଼େ ୩ଟି ଗାଁ। ସାଇଁତଳ, ବିଲିପଡ଼ା ଓ ବଢ଼େଇକେରା। ବୋଉ ତା'ର ବାପଘର ଖାତିରିରୁ ୩ଗାଁରେ ବଡ଼ ଲୋକପ୍ରିୟ ନାନୀ। ସେ ସୂତ୍ରେ ଆମେ ହରିପୁର ସମେତ ଏହି ୩ଟି ଗାଁରେ ଭଣଜାଭାଣିଜୀର ମାନ୍ୟତା ପାଉ। ମାମୁଘର ବିରାଟ ଯୌଥ ପରିବାର। କୁଟୁମ୍ବ ସମ୍ପର୍କୀୟ ମିଶି ଆମର ମାମୁ ସଂଖ୍ୟା ଥିଲା ସାତ। ମାମୁ ପୁଅ ଭାଇଭଉଣୀଙ୍କ ସଂଖ୍ୟା ଅଗଣନ। ମାମୁ ଘରେ ଆଈ ଅପନୀର ସ୍ନେହ ଆଦର ମନେପଡ଼ିଲେ ବେଳେବେଳେ ମୁଁ ମୋର ହାଇସ୍କୁଲରୁ ଗାଁକୁ ନ ଫେରି ସିଧା ତାଙ୍କ ଗାଁକୁ ଚାଲିଯାଏ। ବୋଉ ପାଟମଣିର ସବୁକଥାରେ ବଡ଼ ଦମ୍ଭ ତା'ର ବାପଘର। ଆମ ଗାଁରେ କୌଣସି ନାଟକ ଅଭିନୀତ ହେଲେ ନନା ଚାଲି ଚାଲି ଯାଇ ମାଈଁମାନଙ୍କୁ ସାଙ୍ଗରେ ଧରି ଆସନ୍ତି ନିଜ ଅଭିନୟ କି ତବଲାବାଦନ ଦେଖାଇବା ପାଇଁ। ମାମୁଘର ଲୋକ ବି ଆମ ଘରର ସବୁ କାମକୁ ଆଗ ଅଣ୍ଟା ଭିଡ଼ନ୍ତି। ଗାଁରେ ଟ୍ୟୁଶନ୍, ନନାଙ୍କ କଡ଼ା ନଜର ଭିତରୁ ଖସି ଦିନେଅଧେ ମାମୁ ଘରକୁ ବୁଲି ଆସିବା ପିଲାଦିନେ ଥିଲା ଏକ ବିଳାସ। ଛୋଟ ଗାଁଟିର ସାଂସ୍କୃତିକ ଜୀବନ ନିହିତ ଥିଲା ସଂକୀର୍ତ୍ତନ ଆଉ ଛୋଟକାଟର ନାଟକ ମଞ୍ଚସ୍ଥ ହେବାରେ। ମାମୁଘର ଗାଁର କେଉଁ ଗଛରେ ମାଦଳ, କେଉଁଠି ବ୍ରହ୍ମରାକ୍ଷସ ଥିଲା ଏ କଥା ଏବେ ବି ମନେପଡ଼େ। ଜାଡ଼ ରାତିରେ ଭାଇଭଉଣୀଙ୍କ ସହ ଗୋଟିଏ ମୁନ୍ଦୁରା ତଳେ ଶୋଇ ଥିଲାବେଳେ କଳ୍ପନାର ମଞ୍ଜିପାଣି ପାଉଥିଲା କାକର ଟୋପାରେ। ମାମୁଘର ଦୂର ନୁହେଁ ଅନ୍ତରତର।

**ମାମୁଘର ଖାଇବାର ସୁଆଦ ନିଆରା–*ଭାସ୍ୱତୀ ବସୁ ,ଅଭିନେତ୍ରୀ***

ସତରେ ମାମୁଁଘର ଭଳି ମଜା ଆଉ କୋଉଠି ନ ଥାଏ। ମୁଁ ମୋ ମାମୁଘରକୁ ଖୁବ୍ କମ୍ ଯାଇଛି ସତ କିନ୍ତୁ ପ୍ରଥମ ଥର ଯୋଉ ଯାଇଥିଲି ସେଇଟା ଦଶ ଥର ଯିବା ସାଙ୍ଗରେ ସମାନ ଥିଲା। ସେଥର ମୁଁ ସେଠି ପୂରା ବର୍ଷେ ରହିଥିଲି। କାହିଁକି ଯାଇଥିଲି ଆଉ ଏତେ ଦିନ କାହିଁକି ରହିଥିଲି ସେ କଥା ପଚାରିବାର କିମ୍ବା ବୁଝିବାର ବୟସ ବା କୌତୂହଳ ସେତେବେଳେ ନ ଥିଲା ଆଉ ଏବେ ବି ନାହିଁ। ଯାଇଥିଲି, ରହିଥିଲି, ସେତିକି ମୋ ପାଇଁ ଯଥେଷ୍ଟ। ଭୁବନେଶ୍ୱରଠାରୁ ତୃତୀୟ ଶ୍ରେଣୀ ପରୀକ୍ଷା ଦେଇ ସାରି ପୁରୁଲିଆସ୍ଥିତ ମାମୁଘରକୁ ଯାଇ ସେଠିକା ଅରବିନ୍ଦ ସ୍କୁଲରେ ଭର୍ତ୍ତି ହେଲି। ଯଦିଓ ଚତୁର୍ଥ ଶ୍ରେଣୀରେ ଭର୍ତ୍ତି ହବା କଥା କିନ୍ତୁ ପ୍ରବେଶିକା ପରୀକ୍ଷାରେ ମୁଁ ଫେଲ ହୋଇଗଲି। ମୋର ମନେ ଅଛି, ସାନମାମୁଙ୍କ ସାଙ୍ଗ ସେଠି ହେଡ ସାର୍ ଥିଲେ। ମାଉସୀ ମତେ ତାଙ୍କ ପାଖକୁ ନେଇଗଲେ। ମାଉସୀଙ୍କୁ ବାହାରେ ଅପେକ୍ଷା କରିବାକୁ କହି ସେ ମତେ ଗୋଟିଏ କାଗଜ ଆଉ ପେନ୍‌ସିଲ ଦେଇ କହିଲେ – ଲେଖ, The sky is blue.ମୁଁ ସରକାରୀ ଓଡ଼ିଆ ମିଡିୟମ୍ ସ୍କୁଲ୍‌ର ଛାତ୍ରୀ ଥିଲି। ଆମ ବେଳେ ଚତୁର୍ଥ ଶ୍ରେଣୀରୁ ଇଂଲିଶ ଏ-ବି-ସି-ଡି ଶିଖିବା ଆରମ୍ଭ ହେଉଥିଲା। ମୁଁ ଅବଶ୍ୟ ଏ-ବି-ସି-ଡି ଜାଣିଥିଲି ହେଲେ ବାସ୍ ସେତିକି। କାଗଜ ପେନସିଲ୍ ଧରି ବହୁତ ସମୟ ଭାବିଲା ଭଳି ଅଭିନୟ କରି ତାଙ୍କୁ ହିଁ ପଚାରିଲି – ସ୍କାଇ ବନାନ କ'ଣ ? ସେଠି ବି ତୃତୀୟରେ ଭର୍ତ୍ତି ହେଲି। ଯେଉଁ ଦିନ ସ୍କୁଲ୍ ଗଲି, ଓଡ଼ିଶାରୁ ପିଲାଟିଏ ଆସିଛି ବୋଲି ରିସେସରେ ସ୍କୁଲ୍‌ର ସବୁ ତକ ପିଲା ମତେ ଦେଖିବାକୁ ଭିଡ଼ ଜମେଇଲେ। ଓଃ ନିଜକୁ ଭିଆଇପି ଭଳି ଲାଗୁଥାଏ। ହେଲେ ସେ ଗର୍ବ ବି ବେଶି ଦିନ ରହିଲାନି। ଇଂଲିଶ ମିଡିୟମର ପଢ଼ା ମୁଣ୍ଡରେ ପଶୁ ନ ଥାଏ। ତ୍ରୟମାସିକ ପରୀକ୍ଷାରେ ଫେଲ୍ ହେଲି। ଘରେ ମାମୁ, ମାଈଁ, ମାଆ, ମାଉସୀ ସମସ୍ତେ ଚିନ୍ତାରେ। ଭାରି ଖରାପ ଲାଗିଲା। ମଙ୍ଗ ଧରିଲେ ମୋ ମାଆ। ତାଙ୍କରି ଚେଷ୍ଟା ଆଉ ଅଧ୍ୟବସାୟ ଯୋଗୁ ଷାଣ୍ମାସିକ ପରୀକ୍ଷା ଫଳ ଆସିଲା, ଦେଖାଗଲା ଯେ ମୁଁ କ୍ଲାସ୍‌ରେ ପଞ୍ଚମ ସ୍ଥାନ ପାଇଛି। ସମସ୍ତେ କି ଖୁସି ! ମାଉସୀ ବୁଲି ବୁଲି ତାଙ୍କ ସାଙ୍ଗସାଥୀଙ୍କୁ ମୋ ପରୀକ୍ଷା ଫଳ ବିଷୟରେ କହିଥିଲେ। ବାର୍ଷିକ ପରୀକ୍ଷା ଦବା ଆଗରୁ ହିଁ ଆମେ ଭୁବନେଶ୍ୱର ଫେରି ଆସିଲୁ। ମୁଁ ଏତେ ଭଲ ଛାତ୍ରୀଟିଏ ବନି ଯାଇଥିଲି ଯେ ଏଠି ଫେରି ପଞ୍ଚମ ଶ୍ରେଣୀରେ ହିଁ ଭର୍ତ୍ତି ହେଲି, ବର୍ଷ ନଷ୍ଟ ହେଲାନି। ସବୁ ଭୁଲି ହୁଏ, ଖାଲି ଭୁଲି ହୁଏନା ସ୍କୁଲ୍ ଯିବା ଆଗରୁ ରୋଷେଇ ଘର ପିଣ୍ଡାରେ ପିଢ଼ା ଉପରେ ବସି ଗରମ ଗରମ ଭାତ, ଡାଲି ଆଉ ଆଳୁ ଭଜା ଖାଇବା। ପରେ ତ କେତେ ଥର ଖାଇଛି, ହେଲେ ମାମୁଁ ଘର ଭଳି ସୁଆଦ କେବେ ପାଇନି।

**ମାମୁଘର ନୁହେଁ ମୋ ଘର – *ବିଜୟ ମଲ୍ଲ, ସଂଳାପକାର***

ମାମୁଘରେ ମୁଁ ଜନ୍ମ ହୋଇଥିଲି। ମୋ ବାପା ବିଦେଶରେ। (ସେତେବେଳେ କଲିକତାକୁ ବି ବିଦେଶ କୁହାଯାଉଥିଲା।) ବାପା ବିଦେଶରେ ଚାକିରି କରୁଥିବାରୁ ମୋ ଅଜା ବୋଉକୁ ତାଙ୍କ ପାଖରେ ରଖିଥିଲେ ତା'ର ଯତ୍ନ ନେବା ପାଇଁ। ଜନ୍ମ ହୋଇ ବର୍ଷକର ହେବା ଯାଏ ମୁଁ ମାମୁ ଘରେ ରହିଲି। ତା'ପରେ ମୁଁ ଓ ବୋଉ ଆମ ଗାଁକୁ ଆସିଲୁ। କିନ୍ତୁ ଗାଁରେ ରହିବାର ଭାଗ୍ୟ ମୋର ନ ଥିଲା। ମତେ ୪ ବର୍ଷ ହେବାରୁ ଛାତିରେ ପଥର ରଖି ବୋଉ ମତେ ପୁଣି ଅଜାଙ୍କ ସାଙ୍ଗରେ ପଠେଇଦେଲା ମାମୁଘରକୁ। ଅନ୍ୟ ପିଲାମାନେ ଛୁଟି ହେଲେ ମାମୁଘରକୁ ବୁଲି ଯାଆନ୍ତି, ହେଲେ ରଜ, ଦଶହରା ଛୁଟିରେ ମୁଁ ଆମ ଘରକୁ ବୁଲିଯାଏ। ମାମୁ ଘରେ ଥିଲା ମୋ ଷଠିଘର। ସେହି ଷଠିଘରକୁ ମୁଁ ଅନେକ ସମୟରେ ଚାହିଁରହି ଭାବେ ଇଏ ମୋ ମାମୁଘର ନୁହେଁ ମୋ ଘର। ମାମୁଘର ମାଟିକାନ୍ଥ ଭଙ୍ଗା ହୋଇ କୋଠା ଘର ହୋଇଗଲା, କିନ୍ତୁ ମୋ ଷଠିଘର ସେମିତି ରହିଗଲା। ମୋ ବୋଉର ବାପା ଓ ଭାଇମାନେ ଅକାଳରେ ବସନ୍ତ ମହାମାରୀରେ ଚାଲି ଯାଇଥିଲେ। ତା'ର ଦାଦା ଥିଲେ ତା' ପାଇଁ ବାପା ଓ ମୁଁ ତାଙ୍କୁ ମୋ ଅଜା ଏବଂ ତାଙ୍କ ତିନିପୁଅଙ୍କୁ ମୋ ମାମୁଭାବେ ଜାଣେ। ମୋ ତିନି ମାମୁ ମୋଠୁ ଖୁବ୍ ବେଶି ବଡ଼ ନ ଥିଲେ। ବଡ଼ ମାମୁ ଓ ମଝିଆ ମାମୁଙ୍କ ବାହାଘରରେ ମୁଁ ମାର୍କୁଣ୍ଡି ହୋଇ ଯାଇଥିଲି। ନୂଆ ମାଈଁଙ୍କୁ ମାମୁଘରକୁ ଧରି ଫେରିବାର ଅନୁଭୂତି କିଛି ଗଡ଼ ଜୟ ଠାରୁ କମ୍ ନ ଥିଲା। ମୋ ଅଜା ଓ ଆଈ ତାଙ୍କର ଚତୁର୍ଥ ପୁଅ ଭଳି ମୋତେ ପାଳିଥିଲେ। ଯାହା କିଛି ସଂସ୍କାର ମୁଁ ପାଇଛି ତା'ର ସର୍ବାଧିକ ଶ୍ରେୟ ମୋ ଅଜାଙ୍କର। ମୋ ଅଜା ନଟବର ମହାନ୍ତିଙ୍କ ପାଖରେ ବଡ଼ ହୋଇ ନ ଥିଲେ ମୁଁ ଆଜି ଯାହା ଅଛି ତାହା ନ ହୋଇ କିଛି ଅଲଗା ହୋଇଥାନ୍ତି।





ପ୍ରାୟ ପିଲାଙ୍କ ପାଇଁ ମାମୁ ଘର ଏକ ଅଦମ୍ୟ ଆକର୍ଷଣ, କିନ୍ତୁ ମୋ ପାଇଁ ମୋ ମାମୁଘର ଥିଲା ସତ୍ୟନାରାୟଣଙ୍କ ବାସସ୍ଥାନ।

## ମାମୁଘର ମାଆ ମାଆ ବାସେ– *ଭବାନୀ ଭୂୟାଁ ( ସାମାଜିକ କର୍ମୀ )*

ମାମୁଘର ଲାଗେ ମୋ ହାତପାହାନ୍ତାରେ। ଯଦିଓ ପୁରୀ ସହରଠାରୁ ବୟାଳିଶ କିଲୋମିଟର, ତଥାପି ଲାଗେ ଏଇତ ଯେମିତି ଦିଶୁଛି। ବୋଧହୁଏ ସ୍ନେହ, ଭଲପାଇବା ଦୂରତାକୁ କମାଇଦିଏ। ଭାରି ଏକଜିଦିଆ ଥିଲି। ମାମୁଘରକୁ ଯିବା ପାଇଁ ରୁଷେ। ବାଧହୋଇ ମାଆ ସାଙ୍ଗରେ ନେଇଯାଏ। ବସରେ ଯିବାକୁ ହୁଏ ପୁରୀଠାରୁ ବାଲି ଦୋକାନ। ସେଠାରୁ ବଳଦ ଗାଡିରେ ମାମୁଘର ଗାଁ ନଡିଆମଠକୁ ଯିବାକୁ ହୁଏ। ମାମୁ ଅପେକ୍ଷା କରିଥାନ୍ତି। ବଳଦ ଗାଡି ଦେଖିଦେଲେ ଗୋଟେ ଡିଆଁ ମାରି ମାମୁ ହାତରୁ ପାଞ୍ଚଣ ଛଡେଇ ନେଇ ଆଗରେ ବସିପଡ଼େ ବଳଦ ହୁରୁଡେଇବା ପାଇଁ। ବହୁତ ଦୁଷ୍ଟ ଥିଲି ଏହି ସବୁ କାମରେ। ହ' ହ' ହୁରୁଡ଼ ହୁରୁଡ଼ ହେଇ କେତେବେଳେ ପହଞ୍ଚିଯାଏ ଜଣାପଡେନି। ଭାରି ମଜା ଲାଗେ। ଗୋଟେ ଗୀତ ଥିଲା ପିଲାଦିନେ ବଡ଼ପାଟିରେ ମନଖୁସିରେ ଗାଉଥିଲୁ , ସତରେ ମୋ' ମାମୁଘରେ ସେତେବେଳେ ଶହେ ସରିକି ମଇଁଷି ଥିଲେ। କ୍ଷୀର ଭାତ, ଘିଅ ଭାତ ହିଁ ମୋର ପ୍ରିୟ ଖାଦ୍ୟ ଥିଲା। ଆଉ ମାଈଙ୍କ ହାତର ରସୁଣ କଞ୍ଚା ଲଙ୍କା ଚକଟା ମାଛ ପୋଡ଼ା। କେତେ ସ୍ନେହ ଆବେଗ ଥାଏ ସେଥିରେ। ଆଉ ଖରାବେଳ ସାରା ମାମୁ ଗାଁ କ୍ଷେତରେ ଆଖୁ ଖିଆ। ଶାଳକୁ ଯାଇ ଆଖୁ ରସ ପିଆ। ଏବେବି ମନରୁ ଯାଇନି। ସବୁ ଯେମିତି ଜଳ ଜଳ ହୋଇ ଦିଶୁଛି। ଏବେ ମା , ମାମୁ , ମାଈଁ ନାହାନ୍ତି କିନ୍ତୁ ଭାଇ ଭାଉଜମାନେ ଅଛନ୍ତି । ଏଇ କରୋନାରେ ଅର୍ଥନୈତିକ ଚାପ ବିଷୟରେ ଶୁଣି ମାମୁପୁଅ ଭାଇ ଦଉଡି ଆସିଥିଲେ ଚାଉଳ, ଚୁଡା, ମୁଢି ଛତୁଆ, ପରିବା ଧରି ଦେଖିବାକୁ ଦମ୍ଭ ହୋଇ। ଲେଖିଲା ବେଳକୁ ଆଖିକୁ ଲୁହ ଆସିଯାଉଛି। ସତରେ ମାମୁଘର ମାମୁଘର। ମାଆ ପରି ଅତି ଆପଣାର। ସେ ନିଆରା ଭଲପାଇବାର ସ୍ମୃତି ଅତୁଟ। ମାମୁଘର ମାଆ ମାଆ ବାସେ। ମାଆର ପରଶ ମାମୁଘର ସହ ଆସେ।


## ଏବେବି ଛାତି ଭିତରେ ଅନୁଭବେ ମୋ ମାମୁଘରକୁ

*–ସୁଜାତା ମହାପାତ୍ର, ଫ୍ରି ଲାନ୍ସ ରାଇଟର୍*

ମଧ୍ୟବିତ୍ତ ପରିବାରର ସହରୀ ଜୀବନ ମଧ୍ୟରେ ଏକମାତ୍ର ମୁକ୍ତ ମଞ୍ଚ ଥାଏ ମାମୁଘର। ପ୍ରତିଟି ବାଧା, ବନ୍ଧନ ଓ ଆକଟରୁ ମୁକ୍ତ, ଯେଉଁଠି ନିଜେ ନିଜକୁ କେଉଁ ଦେଶର ରାଜକୁମାରୀ ଭଳି ପ୍ରତ୍ୟୟ ହୁଏ। ଅପେକ୍ଷା ଥାଏ ସେହି ମହାର୍ଘ ଖରାଛୁଟିଟିକୁ। ବଣ ପାହାଡ଼ ଘେରା ରାୟଗଡ଼ାରେ ମୋର ଜନ୍ମ ଓ ଆଦ୍ୟ ଶୈଶବ। ନାଗାବଳୀ ନଦୀର ତୀର ଯୋଡ଼ିଥାଏ ମୋତେ ମୋ ମାମୁଘର ସହ। ଛୁଟି ହେବା ପରଦିନ ହିଁ ଆରମ୍ଭ ହୋଇଯାଏ ଯାତ୍ରା। ସୂର୍ଯ୍ୟଙ୍କର ସମ୍ପୂର୍ଣ୍ଣ କାୟାବିସ୍ତାର ପୂର୍ବରୁ ଆମେ ବାପା, ବୋଉ ଆଉ ମୁଁ ସିଟ ଖଣ୍ଡେ ଖଣ୍ଡେ ଯୋଗାଡି ନେଇଥାଉ ମାମୁଘର ଗାଁରେ ପହଞ୍ଚାଉଥିବା ଏକମାତ୍ର ନାଲି ରଙ୍ଗର ବସ (osrtc) ଭିତରେ। ଉତ୍କଣ୍ଠା, ନାଗାବଳୀର ସୁଅଠୁ ବି ଆହୁରି ପ୍ରଖର। ଆଦିବାସୀଙ୍କ ପ୍ରବଳ ଭିଡ ସହ ପ୍ରତ୍ୟେକଙ୍କ ହାତରେ ଝୁଲୁଥିବା କୁକୁଡ଼ା ଓ କାନ୍ଧରୁ ଓହଳୁଥିବା ଲାଉତୁମ୍ବା ସବୁକିଛି ମାମୁଘରମୁହାଁ କରାଉଥାଏ ବୋଉକୁ ଆଉ ମୋତେ। ଗରମ, ଝାଳ ଆଉ ଗନ୍ଧରେ ଅତିଷ୍ଟ



ପବିତ୍ର ମୋହନ ଦାଶ



ବିଜୟ ମଲ୍ଲ



ଭବାନୀ ଭୂୟାଁ



ସୁଜାତା ମହାପାତ୍ର



ଅଲକାନନ୍ଦ ପରିଡା



ଭାସ୍ୱତୀ ବସୁ

ହୋଇ ଉଠୁଥାନ୍ତି ସହରିଆ କ୍ୱାଇଁ ମୋ ବାବା ହେଲେ ବୋଉର ବା ଏ ସବୁକୁ ଖାତିର କାହିଁ ! ପ୍ରାୟ ପଚାଶ କିଲୋମିଟର ଅଣଓସାରିଆ ରାସ୍ତା। ପରେ ବାଟ ଓଗାଳି ଛିଡା ହୋଇଥାଏ ମୁକୁଳା ନାଗାବଳୀ ନଦୀ। ଖରାଦିନେ ବି ତାକୁ ଅତିକ୍ରମ କରିବାକୁ ସାହସ କୁଳାଇ ପାରେନି ଏଡ଼େ ବଡ଼ ବସ, ସେଇଠି ଛାଡି ଚାଲିଆସେ ଆମ ସମସ୍ତଙ୍କୁ। ହେଲେ ବୋଉ ପାଇଯାଏ ଶତ ସିଂହୀର ବଳ, ସାମ୍ନାରେ ନାନୀର ଅପେକ୍ଷାରେ ଠିଆ ହୋଇଥାନ୍ତି ତା' ଗେହ୍ଲା ସାନଭାଇ, ମୋ କାହ୍ନୁମାମୁ, ଆମ ଜହ୍ନମାମୁ। କାହ୍ନୁ ଚରଣ ପଣ୍ଡା, ଆଖପାଖ ପଞ୍ଚଖଣ୍ଡ ଗାଁରେ ନ୍ୟାୟ, ନିଶାପ ବେଳେ ଯାହାଙ୍କ ମୁରବିପଣିଆରେ ଲୋଡ଼ା ହୁଏନି କୋର୍ଟ କଚେରି। ଧନ, ସମ୍ପତ୍ତି, ବ୍ୟବସାୟ ଓ ସଚ୍ଚୋଟତାର ଉଦାହରଣ ମୋ ମାମୁ, ବୋଉ ସାମ୍ନାରେ କିନ୍ତୁ କେବଳ ନିରୀହ, ଆଜ୍ଞାକାରୀ ସାନ ଭାଇଟିଏ। ନଈ ଆରପାରି କାନ୍ଧରେ ସଫା ଗାମୁଛାଟିଏ, ସାଇକେଲ ଖଣ୍ଡେ ଓ ସଜ୍ଜିତ ଶଗଡ଼ଟେ ଧରି ଅପେକ୍ଷା କରିଥାନ୍ତି ମାମୁ, ସେହି ମୁଣ୍ଡଫଟା ଖରାରେ ଖାସ୍ ଆମ ପାଇଁ। ଗାମୁଛା ପିନ୍ଧି ପାଣିରେ ପଶନ୍ତି ବାବା, ମୁଁ ହଳିଆ କାନ୍ଧରେ ଆଉ ବୋଉ ମାମୁଙ୍କ ହାତ ଧରି ପାର ହେଉ ନଦୀ। ରାସ୍ତାରେ ମାମୁଙ୍କ ବିଲରୁ ଓପଡା ହୁଏ ଆଖୁ, କାନ୍ଦୁଲ ନିଜ ଇଚ୍ଛା ମୁତାବକ। ଛୋଟ ବଡ଼ ନଈ, ଯୁଡ଼ି(ଝରଣା) ଆଉ ଚିହ୍ନା ଚିହ୍ନା ପାହାଡ଼, ବିଲ ସମସ୍ତେ ଯେମିତି କେବଳ ଆମରି ଅପେକ୍ଷାରେ। ମାଟି ରାସ୍ତାରେ ଲୁଗା ଘୋଡିଆ ଶଗଡ଼ ଭିତରେ ବସି କିଛି ସମୟ ପାଇଁ ସାଧାରଣରୁ ସ୍ୱତନ୍ତ୍ର ପାଲଟିଯିବାର ଅନୁଭବ ଏବେ ବି ଜୀବନ୍ତ ମୋ ସ୍ମୃତିରେ। ମୋ ମାମୁଘର ଗାଁ ଜଗନ୍ନାଥପୁର, କଲ୍ୟାଣସିଂପୁର ବ୍ଲକ, ରାୟଗଡା ଜିଲା। ହେଲେ ଦୂର ନୁହେଁ ବରଂ ରାଜଧାନୀର ଛାତି ଭିତରେ ଆଜି ବି ମୁଁ ଅନୁଭବ କରିପାରୁଛି ତା' ସ୍ପନ୍ଦନ।

## ଭଲପାଇବାର ଆଉ ଏକ ନାଁ ମୋ ମାମୁଘର

*–ଅଳକାନନ୍ଦା ପରିଡ଼ା, ଆସିଷ୍ଟାଣ୍ଟ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ*

ନିଆଳିର ବାହାରଣା ହେଉଛି ଆମଘର। ଆଉ ମୋ ମାମୁଘର ହେଉଛି ସେଇ ଗୋଟିଏ ଗାଁରେ। ମୋର ୪ ମାମୁ ଆଉ ୨ ମାଉସୀ। ବୋଉ ଓ ପିଉସୀ ବଦଳ କନ୍ୟା ହୋଇଥିବାରୁ ମାମୁଘର ସହ ସମ୍ପର୍କ ଅତି ନିବିଡ଼। ଗୋଟିଏ ଗାଁରେ ହେଲେ ବି ବାପାଙ୍କୁ ଦେଖିଦେଲେ ଆଈଙ୍କର ହାତେ ଓଢ଼ଣା ଟାଣି ଘର ଭିତରକୁ ଚାଲିଯିବା ପୁଣି ଆମେ ଦୁଇ ଭଉଣୀ ମାମୁଘରେ ପହଞ୍ଚିଗଲେ ମାଈଙ୍କର ଯେଉଁ ୩ଗୁଣା ଆଦର ଅଭ୍ୟର୍ଥନା ସେକଥା ଭୁଲିହୁଏନି। ଏବେ ବି ମନେପଡ଼େ ମାଈଁଙ୍କର ଗରମ ଗରମ କ୍ଷୀର ଭାତ ବାଢ଼ିଦେବା, ଯାହାର ସ୍ୱାଦ ଏବେ ବି ମୋ ମନ ଭିତରେ ରହିଯାଇଛି। ମାମୁଘରେ ସବୁ ପ୍ରକାରର ଫଳ ଗଛ ଥାଏ। ଛୋଟ ପିଲାଙ୍କୁ ନେଇ ଲିଚୁ ଗଛରେ ଚଢ଼ି ଲିଚୁ ତୋଳିବା, ଗଛରୁ ପଡ଼ିବା, ରାତିରେ ଗାଁ ଦାଣ୍ଡରେ ମୋଟର ସିନେମା ଦେଖିବା ସହ ମାମୁଙ୍କ ଝିଅମାନଙ୍କ ସହ ଧୁମ୍ ମଜା କରିବା, ବାଡ଼ି ପୋଖରୀରୁ ମାଛଧରା ଦେଖିବା, ଏକାଠି ବସି ମାଛମଞ୍ଜି ଭଜା ଖାଇବା, କୁମାର ପୂର୍ଣ୍ଣମୀ ପାଳିବା, ସେ ସବୁକିଛି ସୁନ୍ଦର ସ୍ମୃତି ହୋଇ ରହିଯାଇଛି ହୃଦୟ ଭିତରେ। ଏସବୁ ପରେ ଯଦି ମାମୁଘରର ସବୁଠୁ ଭଲ ଲାଗୁଥିବା ଜିନିଷ ମୋ ପାଇଁ କ'ଣ ଥାଏ ତାହା ହେଲା ପରସ୍ପର ପ୍ରତି ଭଲପାଇବା। କେବଳ ମାମୁମାନଙ୍କର ପରସ୍ପର ପ୍ରତି ଭଲପାଇବା ନ ଥିଲା, ମାଈଁମାନଙ୍କ ଥିଲା ପରସ୍ପର ପ୍ରତି ଖୁବ୍ ବେଶି ସ୍ନେହ। ଘରର କାମ କରୁଥିବା ଲୋକମାନଙ୍କ ପ୍ରତି ଥିଲା ଆଦର ଯତ୍ନ। ସମସ୍ତଙ୍କୁ କିପରି ସମାନ ଦୃଷ୍ଟିରେ ଦେଖାଯାଇପାରେ ସେକଥା ମୁଁ ମାମୁମାନଙ୍କ ପାଖରେ ଦେଖିଛି। ଦେଖିଛି ବି ଆମ ସବୁ ପିଲାଙ୍କୁ ମୋର ଭାବୁଥିବା ମୋ ମାମୁମାନଙ୍କୁ। ପ୍ରକୃତରେ ଭଲପାଇବା କ'ଣ ଆଉ କେମିତି ତା' ମୁଁ ଶିଖିଛି ମୋ ମାମୁଘରେ।

**– ରୋଜାଲିନ ମହାନ୍ତି**



# ସାହସୀ ଦିଶା


ଦିଶା ପଟାନି ଏବେ ନିଜର ଫିଟନେସକୁ ନେଇ ଆହୁରି ସଚେତନ। କାରଣ କରୋନା ପାଇଁ ଅନେକ ଦିନ ହେବ ଶୁଟିଂ ବନ୍ଦ ରହିଥିଲା। ହେଲେ ଏବେ କେତେ ଜଣ ପ୍ରଯୋଜକ ଶୁଟିଂ ଆରମ୍ଭ କରିବାକୁ ସଜବାଜ ହେଲେଣି। ସେଥିପାଇଁ ଘରେ ନିଜ ଫିଟ୍‌ନେସକୁ ପରଫେକ୍ଟ ରଖିବାକୁ ଲାଗିପଡିଛନ୍ତି ଦିଶା। ଏବେ ତାଙ୍କର ଅଧିକାଂଶ ସମୟ ଜିମ୍‌ରେ କଟୁଛି। ନିକଟରେ ଜିମ୍‌ରେ ଏକ୍ସରସାଇଜ କରିବା ବେଳର ଏକ ଫଟୋ ସେ ନିଜ ସୋସିଆଲମିଡିଆରେ ପୋଷ୍ଟ କରିଛନ୍ତି, ଯାହା ଭାଇରାଲ ହୋଇଛି। ଏହି ଫଟୋରେ ସେ ଏକ ୮୦ କିଗ୍ରା ଭାର ଉଠାଇବାର ଦେଖିବାକୁ ମିଳିଛି। ଦିଶା କହନ୍ତି, 'ଯେତେବେଳେ ଏତେ ଓଜନର ଭାର ଉଠାଇବାକୁ ମୁଁ ମୋ ଟ୍ରେନରଙ୍କୁ କହିଲି ସେ ପ୍ରଥମେ ରାଜି ହୋଇ ନ ଥିଲେ। ହେଲେ ଏଥିପାଇଁ ମୋତେ କିଛି ଦିନ ବେଶ୍ ଝାଳ ବୁହାଇବାକୁ ପଡିଥିଲା। ଶେଷରେ ଏହାକୁ ଉଠାଇବାରେ ମୁଁ ସକ୍ଷମ ହୋଇଥିଲି।' ଖୁବ୍ ଶୀଘ୍ର ଦିଶାଙ୍କୁ ସଲମନ ଖାଁଙ୍କ ସହ ବଡ଼ ପରଦାରେ ଦେଖିବାକୁ ମିଳିବ। ସଲମାନଙ୍କ ଅଭିନୀତ 'ରାଧେ : ୟୋର ମୋଷ୍ଟ ୱାଣ୍ଟେଡ ଭାଇ'ରେ ଦିଶା ନାୟିକା ଭୂମିକାରେ ଅଭିନୟ କରିଛନ୍ତି। କରୋନା ମହାମାରୀ ଦୂର ହେବା ପରେ ପରେ ଏହାର ବାକିଥିବା ଅଂଶ ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଦିଶା

# ଫୁଟବଲ୍ କୋଚ୍ ହେବାକୁ ଇଚ୍ଛା

ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ହେଉଛନ୍ତି ରଣବୀର କପୁର। କପୁର ଖାନଦାନ୍‌ର ଅନ୍ୟତମ ସଦସ୍ୟ ଭାବରେ ସେ ହିନ୍ଦୀ ସିନେମାରେ ନିଜ ଦକ୍ଷତା ଦେଖାଇ ସାରିଛନ୍ତି। ହେଲେ ଯେତେବେଳେ ସେ ଆକ୍ଟିଂରୁ ସନ୍ନ୍ୟାସ ନେବେ ସେତେବେଳେ କ'ଣ କରିବେ ଜାଣନ୍ତି ? ଅଭିନୟକୁ ବାଏ ବାଏ କହିବା ପରେ ସେ ଫୁଟବଲ୍ କୋଚ ହେବାକୁ ଇଚ୍ଛା ରଖିଛନ୍ତି। କାରଣ ଅଭିନୟକୁ ବାଦ୍ ଦେଲେ ଫୁଟବଲ ଖେଳିବାକୁ ସେ ପସନ୍ଦ କରନ୍ତି। ଲି ଷ୍ଟ୍ରାସ୍‌ବର୍ଗ ଇନଷ୍ଟିଚ୍ୟୁଟ୍ ଆଣ୍ଡ ସ୍କୁଲ ଅଫ ଭିଜୁଆଲ ଆର୍ଟସରେ ଆକ୍ଟିଂ କୋର୍ସ କରିବା ସମୟରେ ରଣବୀର ପାଖାପାଖି ୩୦୦ଟି ସର୍ଟ ଫିଲ୍ମରେ କାମ କରିଥିଲେ। ଅଭିନୟ ବ୍ୟତୀତ ସେ ଭଲ ଭାବରେ ଶାହରୁଖ, ହ୍ରିତିକ ଏବଂ ସଞ୍ଜୟ ଦତ୍ତଙ୍କ ମିମିକ୍ରି କରିପାରନ୍ତି। ନିଜର ପ୍ରଥମ ରୋଜଗାରରେ ସେ ଗୋଟିଏ ଦାମୀ ଘଣ୍ଟା କିଣିଥିଲେ। ରଣବୀର ତାଙ୍କ ମା'ଙ୍କୁ ଭାରି ଭଲ ପାଆନ୍ତି। କଲେଜରେ ପଢ଼ିବା ସମୟରେ ନିତୁ (ରଣବୀରଙ୍କ ମା') ତାଙ୍କୁ ସାପ୍ତାହିକ ପକେଟ ଖର୍ଚ୍ଚ ଆକାରରେ ୧୫୦୦ ଟଙ୍କା ଦେଉଥିଲେ। ଅଭିନୟ କରିବା ପୂର୍ବରୁ ରଣବୀର 'ପ୍ରେମ ଗନ୍ଥ' ଏବଂ ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍'ରେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ।



ରଣବୀର

# ଜାହ୍ନବୀ ଯାହା ଭାବୁଥିଲେ

ବେଳେବେଳେ ମଣିଷ ଯାହା ଭାବୁଥାଏ ତାହା ସତରେ ରୂପାନ୍ତରିତ ହୋଇଥାଏ। ଦେଖୁନାହାନ୍ତି ତାଙ୍କ ଅଭିନୀତ ହିନ୍ଦୀ ଫିଲ୍ମ 'ଗୁଞ୍ଜନ ସାକସେନା : ଦ କାରଗିଲ ଗର୍ଲ' ଓଟିଟି ଫର୍ମାଟରେ ଚଳିତ ମାସ ୧୨ରେ ରିଲିଜ ହେବା ପରେ ଜାହ୍ନବୀ କପୁର କେମିତି ଖୁସିରେ ଉଛୁଳୁଛନ୍ତି। କାରଣ ଫିଲ୍ମଟିକୁ ଦେଖିବା ପରେ ଦର୍ଶକ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରିଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, ''ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ଏ ନେଇ ମୋର ଦୃଢ଼ ବିଶ୍ୱାସ ଥିଲା। ତା'ପରେ ଏହାର ଟାଇଟଲ ଭୂମିକାରେ ଅଭିନୟ କରିବା ମୋ ପାଇଁ ସହଜ ନ ଥିଲା। ଏ ନେଇ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏହାର ନିର୍ଦ୍ଦେଶକ ତଥା ନବାଗତ ସରନ୍ ଶର୍ମାଙ୍କର ଟିପ୍ସ ମୋ ପାଇଁ ବେଶ୍ ସହାୟକ ହୋଇଥିଲା। ଅସଲ କଥା ହେଲା, ମୋତେ ଯେଉଁ ଭୂମିକା ମିଳେ ତାହାକୁ ମୁଁ ସିରିୟସଲି ନେଇଥାଏ। ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ଏକ ମାଇଲଷ୍ଟୋନ୍ ହୋଇ ରହିବ।'' ଏହାବ୍ୟତୀତ ନିର୍ମାଣାଧୀନ 'ଦୋସ୍ତାନା-୨' ଏବଂ 'ତଖ୍ତ'ରେ ଜାହ୍ନବୀ ଅଭିନୟ କରୁଛନ୍ତି।



ଜାହ୍ନବୀ

# ଏବେ ବି ମନେପଡ଼େ

ଇଷିତା ଦତ୍ତାଙ୍କ ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ଦୃଶ୍ୟମ୍'ରୁ। ନିକଟରେ ପରଲୋକଗତ ନିର୍ଦ୍ଦେଶକ ନିଶିକାନ୍ତ କାମଥଙ୍କ ନିର୍ଦ୍ଦେଶନାରେ ଫିଲ୍ମଟି ହିଟ୍ ହୋଇଥିଲା। ୨୦୧୫ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମର ନାୟକ ସାଜିଥିଲେ ଅଜୟ ଦେବଗନ। ଏଥିରେ ଅଜୟଙ୍କ ଝିଅ ଭୂମିକାରେ ଦେଖିବାକୁ ମିଳିଥିଲା ଇଷିତାଙ୍କୁ। ଶୁଟିଂ ସମୟରେ ନିଜର ସ୍ମୃତିକୁ ମନେ ପକାଇ ଇଷିତା କହନ୍ତି, 'ନିଶିକାନ୍ତଙ୍କ ପରି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ କୌଣସି ଚଳଚ୍ଚିତ୍ରରେ ଅଭିନୟ କରିବା ନେଇ ମୁଁ ଦିନ ଗଣୁଥିଲି। ଯେତେବେଳେ ମୋତେ ନିଶିକାନ୍ତ 'ଦୃଶ୍ୟମ'ରେ ଆକ୍ଟିଂ କରିବାକୁ ଅଫର ଦେଲେ ତାହା ମୁଁ ବିଶ୍ୱାସ କରିପାରି ନ ଥିଲି। ଫିଲ୍ମଟି ସାଇନ୍ କରିବା ପୂର୍ବରୁ ସେ ମୋତେ ମୋ ଭୂମିକା ବିଷୟରେ ବିଶଦ ଭାବରେ ବୁଝାଇ ଦେଇଥିଲେ, ଯାହା ମୋତେ ଶୁଟିଂ ସମୟରେ ସାହାଯ୍ୟ କରିଥିଲା। ଶଟ୍ ଦେବା ସମୟରେ ଯଦି ଅଧିକ ଥର କଟ୍ ହେଲା ତେବେ ତାକୁ ସେ ବେଶ୍ ହାଲକା ଭାବରେ ନେଇ ଏପରି ବୁଝାଇ ଦିଅନ୍ତି ଯେ ପରବର୍ତ୍ତୀ ଶଟ୍ କେମିତି ଏକାଥରେ ଓକେ ହେବ ସେ ନେଇ ଆପେଆପେ ମନରେ ସାହସ ଚାଲିଆସେ। ତାଙ୍କ ନିର୍ଦ୍ଦେଶନାରେ ମୁଁ ମୋର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛି। ସେପରି ନିର୍ଦ୍ଦେଶକଙ୍କୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ। ତାଙ୍କର ଅମର ଆତ୍ମା ଶାନ୍ତିରେ ରହୁ ଏତିକି ପ୍ରାର୍ଥନା କରୁଛି।'



ଇଷିତା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

**ପ୍ରତ୍ୟାଶା**

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ନଦୀ

ଶିକ୍ଷକ ପିଲାଙ୍କୁ- ସବୁଠାରୁ ବିପଜ୍ଜନକ ନଦୀର ନାମ କ'ଣ ?
ମଣ୍ଟୁ- ସାର୍, ଭାବନା।
ଶିକ୍ଷକ- କ'ଣ ?
ମଣ୍ଟୁ- ହଁ ସାର୍, ମୁଁ ଶୁଣିଛି ଏଇଥିରେ କାଳେ ସମସ୍ତେ ଭାସି ଯାଆନ୍ତି।

## ଚାକିରି

ଶିକ୍ଷକ ରାଜାକୁ- ପାଠ ପଢେ ନ ହେଲେ ବଡ଼ ହେଲେ ତତେ କେହି ଚାକିରି ଦେବେନି।
ରାଜା- ମୁଁ କାହିଁକି ପଢିବି ? ପାଠ ସିଏ ପଢିବ, ଯିଏ ଚାକିରି କରିବ। ମୁଁ ତ ଚାକିରି ଦେବି।

## ୯ରୁ ୧୨

କଲେଜରେ ଯୁବତୀଙ୍କୁ ଯୁବକ- ଏ, ଚଲତି ହେ କ୍ୟା ୯-୧୨ ?
ଯୁବତୀ- ଚାଲ୍।
ଯୁବକ- କୋଉଠି ?
ଯୁବତୀ- ପ୍ରିନ୍ସିପାଲ୍‌ଙ୍କ ପାଖକୁ।
ଯୁବକ- ରାଗି ଗଲା। ମୁଁ କ'ଣ ମୋ ଭଉଣୀ ସହ ଟିକେ ମଜା କରିପାରିବିନି ?
ଯୁବତୀ- ଭଉଣୀ ! ମୁଁ ତ ପ୍ରିନ୍ସିପାଲ୍‌ଙ୍କ ପାଖକୁ ଛୁଟି ମାଗିବାକୁ ଯିବା ପାଇଁ କହୁଥିଲି।



## ପରିବାର

ହିନ୍ଦୀ-ରବୀନ୍ଦ୍ର ବର୍ମା
ଅନୁବାଦ-କନକ ମଞ୍ଜରୀ ସାହୁ

ତିନି ଚାରି ବର୍ଷ ହେଲା ମୋର ତିନି ଭାଇଙ୍କ ସହିତ କୌଣସି ସମ୍ପର୍କ ନ ଥିଲା। ଚିଠି ପତ୍ର ବି ଆସୁ ନ ଥିଲା। ମୁଁ ବି ଲେଖୁ ନ ଥିଲି। ଏହାର କାରଣ ଥିଲା ଆମ ବୁଢୀ ମା'। ସେ ମୋ ପାଖରେ ଥିଲା। ମୁଁ ଚାହୁଁଥିଲି, ସେ ଅନ୍ୟମାନଙ୍କ ପାଖରେ ମଧ୍ୟ ରହୁ। ଅନ୍ୟମାନଙ୍କର ନିଜ ନିଜର ସମସ୍ୟା ଥିଲା। କାହା ପାଖରେ ଜାଗା ନ ଥିଲା। କାହା ପାଖରେ ଜାଗା ଥିଲେ ତିନିଟି ପିଲା ଥିଲେ। କିଏ ଏମିତି କଳାକାର ଥିଲା, ଯାହାର ଦୁନିଆ ସହିତ ଯେମିତି କୌଣସି ସମ୍ପର୍କ ନ ଥିଲା। ମୁଁ କିଛି କିଛି ଫାଶରେ ଛନ୍ଦି ହେଲାଭଳି ଅନୁଭବ କରୁଥିଲି। ପତ୍ନୀ କହୁଥିଲା, ନା ମୁଁ ବାପ ଘରକୁ ଯାଇ ପାରୁଛି ନା ତୁମ ସାଙ୍ଗରେ କୁଆଡେ ବୁଲି ଯାଇ ପାରୁଛି। ତୁମେ ଚାକିରି ବାହାନାରେ ପ୍ରତି ମାସରେ ଦୁଇ ଚାରି ଦିନ କୁଆଡେ ଚାଲି ଯାଉଛ, ଫେରି କହୁଛ, ମୁଁ ବାହାରକୁ ଏଥିପାଇଁ ଯାଉଛି କି ପୁଣି ଘରକୁ ଫେରେ।

ମାଆ ଏବେ ମୃତ୍ୟୁ ଶଯ୍ୟାରେ ଅଛି। ଡାକ୍ତର କହିଛନ୍ତି, ଦୁଇ ତିନି ଦିନରୁ ଅଧିକା ବଞ୍ଚିବେନି। ମାଆ ଚତୁର୍ଥ ଦିନ ପୁଣି ମୋତେ କହିଲା, 'ରାଜେଶ, ଯେ ପର୍ଯ୍ୟନ୍ତ ମହେଶ, ସୁରେଶ ଏବଂ ଦିନେଶ ନ ଆସିଛନ୍ତି, ମୋ ଜୀବନ ଯିବନି। 'ମୁଁ ଡାକ୍ତରଙ୍କୁ ଏକଥା କହିଲି, ଡାକ୍ତର କହିଲେ, ତାଙ୍କୁ ଡାକିଦିଆ। ପତ୍ନୀ କହିଲେ, ତୁମକୁ ମାଆଙ୍କର ଅନ୍ତିମ ଇଚ୍ଛା ପୂରଣ କରିବା ଉଚିତ। ତେଣୁ ମୁଁ ଭାଇମାନଙ୍କୁ ଫୋନ କରି ଜଣେଇ ଦେଲି।

ଷଷ୍ଠ ଦିନ ସକାଳୁ ମାଆର ଖଟ ପାଖରେ ଆମେ ଚାରି ଭାଇ ଚୁପଚାପ ଛିଡା ହୋଇଥିଲୁ। ମାଆ ଆଖି ଖୋଲି ଆମମାନଙ୍କ ଉପରେ ଆଖି ବୁଲେଇ ଆଣିଲା ଏବଂ ହସିଲା। ତା'ପରେ ଆଖି ବୁଜିଦେଲା। ତା'ପରେ ଗୋମତୀ ନଦୀ କୂଳରେ ତା' ଚିତା ଚାରି ପାଖରେ ଆମେ ଚାରିଜଣ ଛିଡା ହୋଇଥିଲୁ। ବଡ ଭାଇ ମୁଖାଗ୍ନି ଦେଲେ। ଅଗ୍ନିର ଧାସରେ ବଡ ଭାଇର ଅଶ୍ରୁ ଚକ୍‌ମକ୍ କରୁଥିଲା। ସେତେବେଳେ ଦେଖିଲି, ମଝିଆଁ ଏବଂ ସାନ ଆଖିରେ ବି ଅଶ୍ରୁ ଥିଲା। ମୁଁ ମୋ ଅଶ୍ରୁକୁ ଭୁଲି ଯାଇଥିଲି।

ଗୋମତୀ ଆମ ଅଶ୍ରୁ ଭଳି ବହି ଯାଉଥିଲା। ପାଣି ଉପରେ ସୂର୍ଯ୍ୟକିରଣ ପଡି ଝଲମଲ କରି ଚାରିଆଡେ ଖେଳେଇ ହୋଇ ଯାଉଥିଲା। କିଛ ଅଂଶ ଚକ୍‌ମକ୍ କରୁଥିଲା। ଜଣା ପଡୁ ନ ଥିଲା କି ସେଇ ଅଂଶ ପାଣିର ଥିଲା ନା ଖରାର ନା ସୂର୍ଯ୍ୟଙ୍କର କିଛି ଅଂଶ।

ଆମେ ମାଆକୁ ନିଜ ସାଥିରେ ନେଇ ଫେରିଲୁ। ଆମେ ପ୍ରତ୍ୟେକ ଚାହୁଁଥିଲୁ ମାଆ ଆମ ପାଖରେ ରହୁ। ତାହା ଏକ ଫଟୋ ଥିଲା। ତେଣୁ ତିନୋଟି କପି କରାଗଲା।

*-ଶ୍ରାବଣୀ ରେସିଡେନ୍ସୀ, ୧୧୪୪, ଗଡସାହି, ନୟାପଲ୍ଲୀ, ଭୁବନେଶ୍ୱର- ୧୨*
*ମୋ-୯୪୩୯୭୫୦୩୭୮*



## ଭୟ

-ଶୁଭସ୍ମିତା ମହାନ୍ତି(ଦେଓ)

କେବେ ନା କେବେ ଭୁଷୁଡିପଡ଼େ
ବିଶ୍ୱାସର ବାଲିବନ୍ଧ
ଛଳନାର ଶକ୍ତ ଧକ୍କାରେ
ଫାଟିଯାଏ ସମ୍ପର୍କ
କୁହ, କୋଉ ଡାଳରେ ନାହିଁ
ଭାଙ୍ଗି ଯିବାର ଭୟ ?
କୋଉ ଟାଣପଣରେ ଝଡ ପରେ
ବହୁ ଦୂରରୁ ଉଡି ଆସିଥିବା
ପକ୍ଷୀକୁ ଦେବି ଆଶ୍ୱାସନା ?
ଏମିତି ଭୟ କି ଆଶଙ୍କାରେ
ଗଢି ହୁଏ କି ଘରଟିଏ,
ହେଲେ ଭୟ ମୁକ୍ତ ପକ୍ଷୀ
ଜାଗା ବଦଳାଏ,
ପୁଣିଥରେ ବସା ତିଆରିରେ...
ତା କୁନି ଶାବକ
ଡେଣା ମେଲାଇ ଆକାଶେ ଉଡିଲାବେଳେ
ଖୁସି ତା' କହିଲେ ନ ସରେ..
ତାକୁ ଦେଖି ମୋ ଭୟକୁ ଦୂରକୁ ଫିଙ୍ଗି
ଗଢିବାକୁ ଇଚ୍ଛା ହୁଏ ଛଳନା ମୁକ୍ତ ଘରଟିଏ....

*-ପଥୁରିଆ ସାହି, ପୁରୀ*
*ମୋ-୭୦୦୮୯୨୪୪୫୧*

## ଭଗବାନ ଏବେ ଶବ!

-ସୁଧାଂଶୁ ଶେଖର ଦ୍ୱିବେଦୀ

ଏତେ ବିକଳାଙ୍ଗ
ଏତେ ଅସହାୟ
ଏତେ ବିବଶ
କେବେ ତ ନ ଥିଲା !

ଶବ ସଂସ୍କାର କରିବା ପାଇଁ
ଏତେ ମାର୍ମିକ
ଏତେ ହୃଦୟବିଦାରକ
କେବେ ତ ହେଉ ନ ଥିଲା !

ପୁଅ ବାପ ଚିତାରେ
ନିଆଁ ଦେଇପାରୁନି
ବାପ ବିନା ଜୁଇରେ
ରାସ୍ତାରେ ପଡି ଶଢୁଛି
ମଣିଷ ମଣିଷକୁ ଛୁଇଁ ପାରୁନି
ଶରୀରର ଅର୍ଥ ଅନର୍ଥ
କେହି ବୁଝିପାରୁ ନାହାନ୍ତି।
ପୂରା ବିଶ୍ୱ ମୃତ୍ୟୁର ପୀଡ଼ାରେ
ବିଳାପ କରୁଛି।
ସମ୍ଭବତଃ ଭଗବାନ
ଏବେ ଶବ ପାଲଟି ଯାଇଛନ୍ତି !

*-ବିସି-୭୪, ସଲଟ ଲେକ, କଲକତା-୬୪*
*ମୋ-୬୨୯୧୩୪୨୨୫୯*



# କଖାରୁରେ ଚଢ଼େଇ

ବୁଲଗେରିଆର ଆଞ୍ଜେଲ ବୋରାଲିଭ୍ ଜଣେ ଫୁଡ୍ ଆର୍ଟିଷ୍ଟ। ତାଙ୍କ ହାତରେ ଅଛି ଅଦ୍ଭୁତ ଯାଦୁ। ସେ ଖାଦ୍ୟକୁ ଦେଇପାରନ୍ତି ଅତି ସୁନ୍ଦର ରୂପ। ତେବେ ୭ ବର୍ଷ ତଳେ ସେ ଆରମ୍ଭ କରିଥିଲେ ଆଉ ଏକ କଳା। ଆଞ୍ଜେଲ କଖାରୁକୁ ଅତି ସୁନ୍ଦରଭାବେ ଖୋଦେଇ କରି ଭିନ୍ନ ଭିନ୍ନ ରୂପ ଦେବା ଆରମ୍ଭ କଲେ। ତେବେ କଖାରୁରେ ତିଆରି ବିଭିନ୍ନ ଚଢେଇର କଳାକୃତୀ ଦେଖିଲେ ଯେକେହି ହତବାକ ହୋଇଯାଆନ୍ତି। ଏଥିରେ ତାଙ୍କର ନିଖୁଣ କାରିଗରି ଦେଖିବାକୁ ମିଳେ। ଚଢେଇର ପର, ଥଣ୍ଟ, ଆଖି, ପଞ୍ଝା ଆଦିକୁ ସେ ଏତେ ସୁନ୍ଦରଭାବେ ଖୋଦେଇ କରନ୍ତି ଯେ, ତାହା ବେଶ୍ ବାସ୍ତବ ଲାଗେ। ପ୍ରଥମ ନଜରରେ ଜାଣି ହୁଏନା ଏହା କଖାରୁରେ ତିଆରି ବୋଲି। ଏହାବାଦ୍ ସେ ତରଭୁଜ ଓ ସାବୁନ ଖୋଦେଇ କରି ବି ବିଭିନ୍ନ କଳାକୃତି ତିଆରି କରନ୍ତି। ହେଲେ କଖାରୁରେ ତିଆରି ଚଢେଇ ପ୍ରତିକୃତିଗୁଡିକୁ ଲୋକେ ଅଧିକ ପସନ୍ଦ କରନ୍ତି।







ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

